To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com


# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-15, Issue No.329, ଭଦ୍ରକ, ସୋମବାର, ୪, ଜୁନ୍ ୨୦୧୮ ■ Bhadrak, Monday, 4 June 2018 Rs. 2.00 Pages-8


ନୈତିକତା ଦୃଷ୍ଟିରୁ କର୍ଣ୍ଣାଟକ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲେ ଏସ୍ଆର ପଟିଲ



## ଯୁଦ୍ଧକାଳୀନ ଭିତିରେ ଉଦ୍ଧାର କାର୍ଯ୍ୟ ଜାରୀ

- ପଥର ଭିତରେ ଦୁଇ ଅପରେଟର
- ଘଟଣାଟି ୪ ଦିନ ବିତିଗଲାଣି
- ପହଞ୍ଚିଲେ ଲାଇଫ ଡିଟେକ୍ଟିଭ ଟିମ୍



ଜୟପୁର, ୩।୬ (ସକାଳ ଖବର): କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ବି.ସିଂପୁର ଥାନା ଅନ୍ତର୍ଗତ ବୋରିପୁଟ ପଥରଖଣି ଠାରେ ୨ଜଣ ଅପରେଟର ଜେସିବି ଦ୍ୱାରା ପଥର ଖୋଳୁଥିବା ସମୟରେ ମାଟି ସହ ପଥର ଧସି ଅପରେଟର ଭିତରେ ଚାପି ହୋଇଛନ୍ତି । ଘଟଣାର ୪ ଦିନ ବିତିଯାଇଥିଲେ ସୁଦ୍ଧା ୨ ଜଣ ଅପରେଟରଙ୍କୁ ଉଦ୍ଧାର କରାଯାଇ ନାହିଁ । ଆଜି ଲାଇଫ ଡିଟେକ୍ଟିଭ ଟିମ୍ ପହଂଚି ଅନୁସନ୍ଧାନ ଜାରୀ ରଖିଛନ୍ତି । ଫଳରେ ତଳେ ଚାପି ହୋଇଥିବା ବ୍ୟକ୍ତି ଜୀବିତ ନା ମୃତ ତାହା ରିପୋର୍ଟ ଦେବା ପରେ ହିଁ ବିସ୍ଫୋରଣ କରାଯିବ ବୋଲି ସୂଚନା ମିଳିଛି । ଏନଡିଆରଏଫ ଟିମ୍ ନିକଟରେ ଆବଶ୍ୟକୀୟ ମେସିନ ନଥିବାରୁ କାର୍ଯ୍ୟ ସମ୍ଭବ ହେଉନଥିବା ବେଳେ ଅପରେଟରଙ୍କ ପରିବାର ଫୋର୍ସ ମାଧ୍ୟମରେ ଉଦ୍ଧାର କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅନୁରୋଧ କରି ହସ୍ତକ୍ଷେପ କରିବା ପଇଁ କହିଛନ୍ତି । କୋରାପୁଟ ଜିଲାପାଳ କେ. ଏସ. ଚକ୍ରବର୍ତ୍ତି, ଏସପି କନୱର ବିଶାଳ ସିଂ ପହଂଚି କେମିତି ୨ ଜଣ ଅପରେଟର ଉଦ୍ଧାର ହୋଇ ପାରିବେ ସେନେଇ ଉଦ୍ୟମ ଆରମ୍ଭ କରିଛନ୍ତି । ବର୍ତମାନ ସୁଦ୍ଧା ଘଟଣାସ୍ଥଳରୁ ଗୋଟିଏ ଜେସିବି ମେସିନ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଗୋଟିଏ ଜେସିବି ମେସିନର ପତ୍ତା ମିଳୁନି । ଘଟଣାର ୪ ଦିନ ବିତି ଯାଇଥିଲେ ବି ୨ ଜଣ ଅପରଟେରଙ୍କୁ ଉଦ୍ଧାର କରିବାରେ ପ୍ରଶାସନ ବିଫଳ ହୋଇଛି । ଅନ୍ୟ ପଟେ ସ୍ଥିତି ଧିରେ ଧିରେ ଗମ୍ଭିର ହେବାରେ ଲାଗିଛି । ଏନଡିଆରଏଫ ଟିମ, ଅଗ୍ନିଶମ ବିଭାଗ କର୍ମଚାରି, ପୋଲିସ, ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ତେବେ ଘଟଣାସ୍ଥଳରେ ବଡ ବଡ ପଥର ଖଣ୍ଡ ଥିବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହେଉଛି । ଏ ନେଇ ବିଭିନ୍ନ ଦିଗରୁ ବିଭିନ୍ନ ପ୍ରକାର ସୁରକ୍ଷା ବ୍ୟବସ୍ଥା ସହ କିଭଳି କୌଣସି ଲୋକଙ୍କ ବିନା କ୍ଷତିରେ ଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ସେ ଦିଗକୁ ବିଶେଷ ଦୃଷ୍ଟି ଦିଆଯାଉଥିବା ଜିଲାପାଳ ପ୍ରକାଶ କରିଛନ୍ତି । ପଥର ଭିତରେ ଫଶି ରହିଥିବା ଜେସିବି ଅପରେଟର ଘନଶ୍ୟାମ ଗୁରୁ ଓ ସଞ୍ଜୟ କୁମାର ଦାସ ମୃତ କିମ୍ବା ଜୀବିତ ତାହା ସ୍ପଷ୍ଟ ହୋଇ ନାହିଁ । ଏହି ପଥର ବାହାର କରିବା ପରେ ସରକାରଙ୍କ ତେଲଙ୍ଗିରି ପ୍ରକଳ୍ପ ରେ ବ୍ୟବହାର ହୁଏ । ପ୍ରକଳ୍ପ କାମ ଠିକାରେ ନେଇଥିବା ଡିଡି କନଷ୍ଟ୍ରକସନ ପ୍ରକଳ୍ପ ଠାରୁ ମାତ୍ର ୧ ଶହ ମିଟର ଦୂରରେ ଥିବା ଏହି କୁଆଁରିକୁ ବିସ୍ଫୋରକ ଲଗାଇ ବିସ୍ଫୋରଣ କରିବା ଫଳରେ ଏଭଳି ଅଭାବନୀୟ ଘଟଣା ଘଟିଥିବା କୁହାଯାଉଛି । ଏହି ପଥର କୁଆଁରିକୁ ସୁରକ୍ଷା ଦୃଷ୍ଟିରୁ ତତକାଳିନ ଜିଲାପାଳ ମାନେ ବନ୍ଦ କରିଥିବା ବେଳେ ବର୍ତମାନର ତହସିଲଦାର ପୁଣି ଚାଲୁକରି ଥିବାର ସମ୍ପୃକ୍ତ ଅଂଚଳର ଜନ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରେ ଉପ ଜିଲାପାଳ ଲୋକନାଥ ଦଳବେହେରା, ବୋରିଗୁମ୍ମା ଏସଡିପିଓ ହରେକୃଷ୍ଣ ମାଝିଙ୍କ ସମେତ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରି ମାନେ ଉପସ୍ଥିତ ଅଛନ୍ତି ।

ଅନ୍ୟପକ୍ଷରେ ପଥର ଖଣିରେ କାର୍ଯ୍ୟରତ ଦୁଇ ଜେସିବି ଅପରେଟରଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ସରଞ୍ଜାମ ଦିଆଯାଇନଥିବାରୁ ମାମଲା ରୁଜୁ କରାଯିବ ବୋଲି ଏସଡିପିଓ ଶ୍ରୀ ମାଝି ସୂଚନା ଦେଇଛନ୍ତି । ବର୍ତମାନ ସୁଦ୍ଧା ଉଦ୍ଧାର କାର୍ଯ୍ୟ ଜାରୀ ରହିଛି ।

## ଅଗ୍ନି-୫ କ୍ଷେପଣାସ୍ତ୍ରର ସଫଳ ଉତ୍କ୍ଷେପଣ



ବାଲେଶ୍ୱର, ୩।୬ (ସକାଳ ଖବର): ଭାରତୀୟ ପ୍ରତିରକ୍ଷା ଓ ଗବେଷଣା ଉନ୍ନୟନ ସଂସ୍ଥା (ଡିଆରଡିଓ) ପକ୍ଷରୁ ଆଜି ପୂର୍ବାହ୍ନ ୯.୪୮ମିନିଟ ସମୟରେ ଅଗ୍ନି-୫ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ସୁଦୀର୍ଘ ଚାଇନା ଏବଂ ରୁଷିଆକୁ ଲକ୍ଷ୍ୟଭେଦ କରିପାରୁଥିବା ଏବଂ ଚାଇନାର ଡଙ୍ଗପେଙ୍ଗ କ୍ଷେପଣାସ୍ତ୍ରକୁ ଟକ୍କର ଦେବା ଭଳି ଏହି ଅଗ୍ନି -୫ କ୍ଷେପଣାସ୍ତ୍ର ୫୦୦୦ କି.ମି ଲକ୍ଷ୍ୟଭେଦ କରିପାରିବ ବୋଲି ଡିଆରଡିଓ କର୍ତ୍ତୃପକ୍ଷ କହୁଥିବା ବେଳେ ଏହାର ପ୍ରକୃତ ଲକ୍ଷ୍ୟଭେଦ ୫ ହଜାର ମାଇଲ ଅର୍ଥାତ ୮ହଜାର କି.ମି. ବୋଲି ଚୀନ କର୍ତ୍ତୃପକ୍ଷ ମତ ପ୍ରକାଶ କରିଛନ୍ତି। ଏହି କ୍ଷେପଣାସ୍ତ୍ରର ଲମ୍ବ ୧୭ମିଟର, ମୋଟେଇ ୨ମିଟର, ଓଜନ ୫୦ ଟନ ହୋଇଥିବା ବେଳେ ଏହା ୧.୧ ଟନ ଓଜନର ପାରମ୍ପରିକ କିମ୍ବା ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ହାସଲ କରିଛି ବୋଲି ବିଭାଗୀୟ କର୍ତ୍ତୁପକ୍ଷଙ୍କ ନିକଟରୁ ପ୍ରକାଶ। ଅଗ୍ନି-୫ କ୍ଷେପଣାସ୍ତ୍ର ୩ ଷ୍ଟେଜ ବିଶିଷ୍ଟ କଠିନ ଇନ୍ଧନ ଯୁକ୍ତ। ପ୍ରଥମ ଷ୍ଟେଜ ନିଆଁ ଧରିବାର ୬୦ସେକେଣ୍ଡ ମଧ୍ୟରେ ଦ୍ୱିତୀୟ ଷ୍ଟେଜ ଏବଂ ୧୮୦ ସେକେଣ୍ଡ ମଧ୍ୟରେ ତୃତୀୟ ଷ୍ଟେଜ କଠିନ ଇନ୍ଧନ ନିଆଁ ଧରିଥାଏ। ଆଜି ଏହି ପରୀକ୍ଷଣ ପୂର୍ବାହ୍ନ ୯.୪୮ ମିନିଟରେ ହୋଇଥିବା ବେଳେ ୧୨ ମିନିଟ ସମୟ ମଧ୍ୟରେ ଏହା ଲକ୍ଷ୍ୟ ଭେଦ କରିପାରିଥିଲା। ଏହି ଅଗ୍ନି-୫ କ୍ଷେପଣାସ୍ତ୍ର ଚାଇନା, ରୁଷିଆ, ମସ୍କୋ, ଆଥେନ୍ସ, କାଇରା, ତେହେରାନ, ବେଜିଂ, ହଙ୍ଗକଙ୍ଗ, ବ୍ୟାଙ୍କକ, ଜାକର୍ତା ଏବଂ ଟୋକିଓକୁ ଲକ୍ଷ୍ୟଭେଦ କରିପାରିବାର କ୍ଷମତା ରଖିଛି ବୋଲି **(ପୃଷ୍ଠା-୭)**

## ଆଜି କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଡାକରା

ଭୁବନେଶ୍ୱର, ୩।୬ (ସକାଳ ଖବର): ପେଟ୍ରୋଲ, ଡିଜେଲ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧିର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଆସନ୍ତା କାଲି ଡାକରା ଦିଆଯାଇଥିବା ଚକାବନ୍ଦ ଆନ୍ଦୋଳନ ପୂର୍ବରୁ ଆଜି ଛାତ୍ର ଓ ଯୁବ କଂଗ୍ରେସ ସମେତ ପିସିସି ପକ୍ଷରୁ ମଶାଲ ଶୋଭାଯାତ୍ରା ବାହାରିଥିଲା । ପିସିସି ସଭାପତି ନିରଂଜନ ପଟ୍ଟନାୟକ ଏହି ସବୁ ରାଲିର ଶୁଭାରମ୍ଭ କରିଥିଲେ । ପୂର୍ବରୁ ସ୍ଥିରୀକୃତ ହୋଇଥିବା ରୁଟ୍ ଅନୁଯାୟୀ କଂଗ୍ରେସ ଭବନରୁ ବାଇକ ରାଲି ବାହାରି ରାଜମହଲ, କଳ୍ପନା, ରସୁଲଗଡ଼, ବାଣୀବିହାର ଦେଇ ରାମମନ୍ଦିର ଛକରେ ପହଂଚିଥିଲା । ଏହି ରାଲିରେ ଶତାଧିକ ବହୁସଂଖ୍ୟାରେ ଛାତ୍ର ଓ ଯୁବକମାନେ ଅଂଶ ଗ୍ରହଣ କରିଥିଲେ । ଛାତ୍ର କଂଗ୍ରେସର ସଭାପତି ଇତିଶ୍ରୀ ପ୍ରଧାନ ଏବଂ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥି ଏହି ରାଲିର ନେତୃତ୍ୱ ନେଇଥିଲେ । କଂଗ୍ରେସ ପକ୍ଷରୁ ସକାଳ ୬ଟା ରୁ ୧୨ଟା ପର୍ଯ୍ୟନ୍ତ ଟ୍ୱିନ୍‌ସିଟିରେ ବନ୍ଦ ଡାକରା ଦିଆଯାଇଛି । ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦର ବୃଦ୍ଧି ଦିନକୁ ହେଉଥିବାରୁ କଂଗ୍ରେସ ପକ୍ଷରୁ ଏହାର ପ୍ରତିବାଦ କରିବାକୁ କଟକ ଓ ଭୁବନେଶ୍ୱରର ଲୋକ ମାନଙ୍କୁ ସକାଳ ୬ରୁ ୧୨ ଟା ପର୍ଯ୍ୟନ୍ତ ବାହନ ଚଳାଚଳ ବନ୍ଦ କରିବାକୁ ଅନୁରୋଧ କରା ଯାଇଛି । ପିସିସି ସଭାପତି ନିରଂଜନ ପଟନାୟକ କହିଛନ୍ତି ଯେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦର ବୃଦ୍ଧି ଦିନକୁ ଦିନ ହେଉଛି । କେନ୍ଦ୍ର ସରକାର ଏହି ଦରକୁ କମ କରୁ ନାହାନ୍ତି । ରାଜ୍ୟ ସରକାର ମଧ୍ୟ ଭ୍ୟାଟ କମ କରି ଦରକୁ କମ କରି ପାରିବେ ମାତ୍ର ସେ ମଧ୍ୟ ଏପରି କରୁ ନାହାନ୍ତି । ଫଳରେ ସାଧାରଣ ଉପଭୋକ୍ତା ହନ୍ତସନ୍ତ ହେଉଛି । ତେଣୁ କଂଗ୍ରେସ ଏହାର ପ୍ରତିବାଦ କରିବ ବୋଲି ସେ କହିଛନ୍ତି ।

**ସକାଳ ୬ରୁ ୧୨ ଟା ପର୍ଯ୍ୟନ୍ତ ଯାନ ବାହନ ଚଳାଚଳ ବନ୍ଦ କରିବାକୁ ଅନୁରୋଧ**

## କେଉଁ ପରିସ୍ଥିତିରେ ଚାବି ହଜିଲା

- ଘଟଣାକୁ ୨ ମାସ ବିତିବାକୁ ବସିଲାଣ
- ସିଂହଦ୍ୱାର ସମ୍ମୁଖରେ ଜଗନ୍ନାଥ ସେନାର ବିକ୍ଷୋଭ ପ୍ରଦର୍ଶନ



ପୁରୀ, ୩।୬ (ସକାଳ ଖବର): ରତ୍ନ ଭଣ୍ଡାର ଖୋଲାଯିବା ଘଟଣାକୁ ଦୁଇମାସ ବିତିଯାଇଥିଲେ ମଧ ଭିତର ଭଣ୍ଡାର ଗୃହ ଚାବି ନମିଳିବା ଘଟଣାକୁ ନେଇ ଏପର୍ଯ୍ୟନ୍ତ କୌଣସି ସ୍ୱଷ୍ଟୋକ୍ତି ପ୍ରକାଶ ପାଇପାରିନାହିଁ । ହାଇକୋର୍ଟର ନିର୍ଦ୍ଦେଶ ଅନୁସାରେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଭଣ୍ଡାର ଗୃହ ଯାଞ୍ଚ ପାଇଁ ଗତ ଏପ୍ରିଲ ୪ ତାରିଖ ଦିନ ଅପରାହ୍ନ ୨ ଟାରେ ୧୬ ଜଣ ଯାଞ୍ଚ କମିଟି ଗୃହ ମଧ୍ୟକୁ ପ୍ରବେଶ କରିଥିଲେ । ତେବେ ଭିତର ଗୃହ ମଧ୍ୟକୁ ପ୍ରବେଶ ନ କରି କେବଳ ବାହାରୁ ବାହାରୁ ଯାଞ୍ଚ କରି କମିଟି ଫେରି ଆସିଥିଲା । ତେବେ ଟର୍ଚ୍ଚ ଲାଇଟ ଦ୍ୱାରା କାନ୍ଥ ଓ ଛାତ ସମ୍ପୂର୍ଣ୍ଣ ଦେଖା ଯାଉଥିବାରୁ ଭିତର ଗୃହକୁ ଯିବାର କୌଣସି ଆବଶ୍ୟକତା ନ ଥିଲା ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ ଜେନା ସୂଚନା ଦେଇଥିଲେ । ପରେ ଭିତର ଗୃହର ଚାବି ହିଁ ନ ଥିବା ଜଣା ପଡିବା ପରେ କେବେଠୁ ଭିତର ଭଣ୍ଡାର ଗୃହର ଚାବି ହଜିଛି, ଚାବି କାହା ପାଖରେ ଓ ଏଥିପାଇଁ ଦାୟୀ କିଏ ବୋଲି ଶଙ୍କରାଚାର୍ଯ୍ୟ ଏଭଳି ବହୁ ପ୍ରଶ୍ନ ସୃଷ୍ଟି ପଚାରିଛନ୍ତି । ଭଲଭାବରେ ଯାଞ୍ଚ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ନିଜ ଦାୟିତ୍ୱ ହୀନତା ପାଇଁ ଅଧାଯାଞ୍ଚ କରି ଫେରିଆସିବାକୁ ସେମାନେ ବାଧ ହୋଇଥିଲେ । ଶ୍ରୀମନ୍ଦିର ଭଣ୍ଡାର ଗୃହର ଏତେ ଗୁରୁତ୍ୱପୂର୍ଣ୍ଣ ଚାବି କିପରି ହଜିଲା ସେ ଦିଗରେ ତଦନ୍ତ ଓ ଏଥିପାଇଁ ଦାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନଥିବା ଜଗନ୍ନାଥ ପ୍ରେମୀଙ୍କୁ ଆଚମ୍ବିତ କରିଛି । ଚାବି ହଜିବା ପାରି ଦାୟିତ୍ୱହୀନତା କାର୍ଯ୍ୟ ପାଇଁ ଆଜି ପୁରୀ ସିଂହଦ୍ୱାର ସମ୍ମୁଖରେ ଜଗନ୍ନାଥ ସେନା ଓ ସଚେତନ ନାଗରିକ ମଂଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଅନ୍ୟ ପକ୍ଷରେ କେତେକ ଏହି ଘଟଣାକୁ ନେଇ ସିବିଆଇ ତଦନ୍ତ କରାଯିବାକୁ ଦାବି କରିଥିଲେ । ଶ୍ରୀ ମନ୍ଦିର ରତ୍ନଭଣ୍ଡାର ଚାବି ହଜିଯିବା ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ବିଜେଡି ବିଧାୟକ ତଥା ସାଧାରଣ ସମ୍ପାଦକ ସଂଜୟ ଦାସବର୍ମା । ଏହି ପ୍ରସଙ୍ଗରେ ଆଇନ ବିଭାଗ ବିବୃତି ରଖିବା ଉଚିତ୍ ବୋଲି ସେ କହିଛନ୍ତି ।

## ଭୁବନେଶ୍ୱରରେ ରୂପା ଗାଙ୍ଗୁଲି

ଭୁବନେଶ୍ୱର, ୩।୬ (ସକାଳ ଖବର): : ବିଜେପିର ମହିଳା ସୁରକ୍ଷା ଯାତ୍ରାରେ ଯୋଗ ଦେବା ପାଇଁ ରବିବାର ସଂଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି ଅଭିନେତ୍ରୀ ତଥା ବିଜେପି ସାସଂଦ ରୂପା



ଗାଙ୍ଗୁଲି । ବିଜେପିର ମହିଳାଙ୍କ ସୁରକ୍ଷା ଯାତ୍ରା ନେଇ ସେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ଏଠାକାର ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ । ତେଣୁ ମହିଳା ସୁରକ୍ଷା ନେଇ ଲୋକଙ୍କୁ ସଚେତନତାର ବାର୍ତ୍ତା ଦେବି ବୋଲି ଓଡ଼ିଶା ଆସିଛି ।

## ଗୁରୁପ୍ରିୟା ସେତୁର ଯାଞ୍ଚ ଶେଷ



ଭୁବନେଶ୍ୱର,୩।୬ (ସକାଳ ଖବର): ଚିତ୍ରକୋଣ୍ଡାଠାରେ ନିର୍ମିତ ହୋଇଥିବା ଗୁରୁପ୍ରିୟା ସେତୁର ଯାଂଚ ଶେଷ ହୋଇଛି । ଗତ ୩୦ ତାରିଖରେ ଏହାର ଅନୁଧ୍ୟାନ କାର୍ଯ୍ୟ ଆରମ୍ଭ ହୋଇଥିଲା । ପରେ କେନ୍ଦ୍ରୀୟ ସଂସ୍ଥାର ସିଆରଆରଆଇର ଏକ ୭ ଜଣିଆ ଟିମର ମଧ ଯାଂଚ କାର୍ଯ୍ୟ ଶେଷ ହୋଇଛି ଏବଂ ସେମାନେ ଫେରି ଯାଇଛନ୍ତି । ଖୁବ୍ ଶୀଘ୍ର ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବେ ବୋଲି ଟିମ୍ ପକ୍ଷରୁ କୁହାଯାଇଛି ।

## କୁଆପଥର ମାଡ ସହ ବର୍ଷା ଆଶଙ୍କା



ଭୁବନେଶ୍ୱର ୩।୬ (ସକାଳ ଖବର): ରାଜ୍ୟର ୬ଟି ଜିଲ୍ଲାରେ କାଳବୈଶାଖୀ ବର୍ଷା ସହ ବଜ୍ରପାତ ହେବାର ଆଶଙ୍କା ରହିଛି । ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ସତର୍କ ସୂଚନା ଦିଆଯାଇଛି । ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାରେ କାଳବୈଶାଖୀ ବର୍ଷା ହେବା ସହ କୁଆପଥର ମାଡ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହି ସମୟରେ ୫୦ରୁ ୬୦ କିମି ବେଗରେ ପବନ ହେବ ବୋଲି କୁହାଯାଇଛି ।

## ୧୪ମିନିଟ୍ ପର୍ଯ୍ୟନ୍ତ ରାଡର୍‌ରୁ ଉଭେଇ ଗଲା ସୁଷମାଙ୍କ ବିମାନ !



ନୂଆଦିଲ୍ଲୀ: ଆକସ୍ମିକ ଭାବେ ଭିଆଇପି ଏୟାରକ୍ରାପ୍ଟ ମେଘଦୁତ ସହିତ ସମ୍ପର୍କ ହୋଇ ନପାରିବାରୁ ଅଥରିଟି ସଙ୍କଟରେ ପଡି ଯାଇଥିଲେ । ଏହି ଏୟାରକ୍ରାପ୍ଟରେ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ତ୍ରୀବେନ୍ଦ୍ରମରୁ ମରିସସ ଅଭିମୁଖେ ଯାତ୍ରା କରୁଥିଲେ । ବୈଦେଶିକ ମନ୍ତ୍ରୀ ଦକ୍ଷିଣ ଆଫ୍ରିକାଗ୍ରସ୍ତରେ ଯାଇଥିଲେ । ସୁଷମା ସ୍ୱରାଜଙ୍କ ଏୟାରକ୍ରାପ୍ଟ ସହିତ ପାଖାପାଖି ୧୨ରୁ ୧୪ ମିନିଟ୍ ପର୍ଯ୍ୟନ୍ତ ସମ୍ପର୍କ କରାଯାଇ ପାରି ନଥିଲା ।

ଏହି ମାମଲା ସହିତ ଜିତ ଥିବା ଅଧିକାରୀଙ୍କ ଭୟ ସେତେବେଳେ ବି ଯାଇଥିଲା ଯେତେବେଳେ ସୁଷମା ସ୍ୱରାଜଙ୍କ ଏୟାରକ୍ରାପ୍ଟ ଓ ମରିସସ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ମଧ୍ୟରେ ସମ୍ପର୍କ ହୋଇପାରି ନଥିଲା । ସୌଭାଗ୍ୟବଶତଃ କୌଣସି ଅସୁବିଧା ନହୋଇ ସୁଷମା ସ୍ୱରାଜ ରବିବାର ମରିସିସ୍‌ରେ ପହଞ୍ଚି ସେଠାକାର ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ୍ର କୁମାର ଜଗନ୍ନାଥଙ୍କ ସହିତ ସାକ୍ଷାତ କରିଛନ୍ତି । ଏୟାର ଟ୍ରାଫିକ୍ କଣ୍ଟ୍ରୋଲ କାମ ଦେଖୁଥିବା ଏୟାରପୋର୍ଟ ଅଥରିଟି ଇଣ୍ଡିଆର ଜଣେ **(ପୃଷ୍ଠା-୭)**



ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ



ହୁଣ୍ଡିର ଆୟ (୨.୬.୧୮)
୩,୦୭,୦୬୯

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରକଳ୍ପ ଲୋକାର୍ପଣ



ଭୁବନେଶ୍ୱର, ୩।୬ (ସକାଳ ଖବର): ଓଡିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ ଓ ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ପ୍ରତାପ ଦେବଙ୍କ କେନ୍ଦ୍ରାପଡାରେ ମାରାଥନ କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରକଳ୍ପ ଲୋକାର୍ପିତ ହୋଇଯାଇଛି। ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜେନା କେନ୍ଦ୍ରାପଡାକୁ ଦିନିକିଆ ଗସ୍ତରେ ଆସି ସକାଳେ ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କରିବା ସହ ମନ୍ଦିରର ପାରିପାର୍ଶ୍ୱିକ, ଉନ୍ନତି ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହା ସହ ଯାତ୍ରୀ ନିବାସ, ଓଭର ହେଡ୍ ପାଣିଟାଙ୍କୁ ନିର୍ମାଣ ଓ ଆସନ୍ତା ରଥଯାତ୍ରାକୁ ସୁଚାରୁ ରୂପେ ପାଳନ କରିବା, ରଥ ନିର୍ମାଣ, ଆନନ୍ଦ ବଜାରର ବିକାଶ ଓ ସେବାୟତମାନଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପ୍ରକଳ୍ପ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିରେ ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟବୋର୍ଡର ସଭାପତି ସଂଜୟ ମିଶ୍ର, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ , ପୂର୍ବତନ ପୌରପାଳ ଧିରେନ କୁମାର ସାହୁ ଓ ଟ୍ରଷ୍ଟବୋର୍ଡ ସଦସ୍ୟ ମାନେ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଶ୍ରୀ ଜେନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୁଖ୍ୟ ଚିକିତ୍ସାଳୟରେ ପହଂଚି ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ସହ ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ ଗୃହ କୁ ଉଦ୍ଘାଟନ କରିବା ସହ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଅନ୍ତର୍ବିଭାଗର ଶିଳାନ୍ୟାସ କରିଥିଲେ। ଏହା ସହ ରୋଗୀ, ସଂପର୍କୀୟ ଓ ଡାକ୍ତରମାନଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବା ପାଇଁ ଓ କୌଣସି ପରିସ୍ଥିତିରେ ଯେପରି ରୋଗୀ ମାନେ କୌଣସି ହଇରାଣ ହରକତ ନହେବେ ସେଥିପାଇଁ ସଚେତନ କରାଇଥିଲେ। ଏହି ଅବସରରେ ଡାକ୍ତରଖାନା ପରିସରରେ ହୋଇଥିବା ଜୀବନବିନ୍ଦୁ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରେ ୧୫୩ୟୁନିଟ୍ ରକ୍ତ ସଂଗୃହିତ ହୋଇଥିବା ଜଣାପଡିଛି। ଏହା ପରେ ମନ୍ତ୍ରୀ ଶ୍ରୀଜେନା ପୌରସଭାଗୃହରେ ଅନୁଷ୍ଠିତ ଆଶା ସମିତି, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ଜିଲ୍ଲା ସ୍ତରୀୟ ସମ୍ମିଳନୀକୁ ଉଦ୍ଘାଟନ କରିବା ସହ ମୁଖ୍ୟଅତିଥି ଭାବେ ଯୋଗ ଦେଇ କେନ୍ଦ୍ରାପଡାକୁ ୧ନଂ ଜିଲ୍ଲାରେ ପରିଣତ କରିବା ପାଇଁ ଓ ଗାଁ ଗହଳିର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିବା ଆଶାକର୍ମୀ ମାନଙ୍କ ତ୍ୟାଗ ଓ ପରିଶ୍ରମକୁ ପ୍ରଶଂସା କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ପ୍ରକାଶିତ ସୂଚନା ପୁସ୍ତିକା ବିଶ୍ୱାସକୁ ଶ୍ରୀଜେନା ଉଦ୍ଘାଟନ କରିଥିଲେ। ଏହି ଅବସରରେ ଉତ୍ତମ ସ୍ୱାସ୍ଥ୍ୟ ଗ୍ରାମ ପଂଚାୟତ ପଣସଗଣ୍ଡ, ଭାଗବତପୁର, ମୁକୁନ୍ଦପୁର ଓ ଡାଙ୍ଗମାଳ ଜିପିକୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ଚେକ ପ୍ରଦାନ କରିଥରଲେ। ଆଶା ସେବା ପାଇଁ ଆଶାକର୍ମୀ ମଞ୍ଜୁଲତା ସାମଲ, ମମତା ମଲିକ ଓ ଦମୟନ୍ତୀ ମଲିକଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ ରେଘୁ ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲା, କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ବ୍ରଜ କିଶୋର ବର୍ମା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାଃ ବୈଷ୍ଣବ ଚରଣ ସାହୁ, ଅତିରିକ୍ତ ଜିଲ୍ଲା ମୁକ୍ୟ ଚିକିତ୍ସାଧିକାରୀ ଡାଃ ମୀର୍ଜା ବାବର ବେଗ୍ , ସୂଚନା ଓ ଲୋକ ସଂପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ଙ୍କ ସମେତ ବିଜେଡି ଜିଲ୍ଲା ସଭାପତି ଧ୍ରୁବ ସାହୁ, କେନ୍ଦ୍ରାପଡା ବ୍ଲକ ଚେୟାରମ୍ୟାନ ଅନାମ ବନ୍ଧୁ ଧଳ, ଜିଲ୍ଲା ଯୋଜନା ବୋଡ ତଥା ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ପରିଚାଳକ ଆଲୋକ ମହାନ୍ତି ମଂଚ ପରିଚାଳନା କରିଥିବା ବେଳେ ଡିପିଏମ୍ ପ୍ରକାଶ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଛୋଟ ପିଲାଙ୍କ ସ୍କୁଲ ବ୍ୟାଗ୍ ବୋଝ ହେବ କମ ହେବ : ପ୍ରକାଶ ଜାଭେଦକର

କୋଲକାତା, : ଶୀଘ୍ର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଙ୍କୁ ତାଙ୍କର ସ୍କୁଲ ହୋମୱାର୍କ ଦେଇ ପାରିବେ ନାହିଁ । ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭେଦକର କହିଛନ୍ତି ଯେ କେନ୍ଦ୍ର ସରକାର ଏହି ବିଷୟରେ ସଂସଦର ମୌସୁମୀ ଅଧିବେଶନରେ ବିଧେୟକ ଆଣିବେ । ଏହା ବ୍ୟତୀତ ଜାଭେଦକର ଏନସିଇଆରଟିର ପାଠ୍ୟକ୍ରମକୁ ମଧ ସରଳ କରିବାର ସଙ୍କେତ ମଧ ଦେଇଛନ୍ତି । ମାଦ୍ରାସ ଉଚ୍ଚ ନ୍ୟାୟାଳୟ ମେ ୩୦ରେ ଦେଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶକୁ ଦୃଷ୍ଟିରେ ରଖି ଜାଭେଦକର ଏହି ଟିପ୍ପଣୀ ଦେଇଛନ୍ତି । ଅଦାଲତ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ ଯେ ସେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ଯେମିତି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲା ହୋମୱାର୍କ ବୋଝରୁ ମୁକ୍ତି ପାଇବେ । ଜାଭେଦକର କହିଛନ୍ତି ଯେ ଆମେ କୋର୍ଟର ଆଦେଶକୁ ସ୍ୱାଗତ କରୁଛୁ ଏବଂ ଏହା ଉପରେ ଅଧ୍ୟୟନ କରୁଛୁ । ଯାହା କିଛି ବି ଆବଶ୍ୟକ **(ପୃଷ୍ଠା-୭)**

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick